## ଗୋଁଣ୍ଡ ମହାସଭାର ନବୀନ ପଟ୍ଟନାୟକଙ୍କୁ ସମର୍ଥନ



**ରେଙ୍ଗାଲି, ୧୫।୫(ସମିସ)** : ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ସମ୍ବଲପୁର ସଂଯୋଜନାରେ ଏକ ରାଜନୈତିକ ସମୀକ୍ଷା ସଭା ରେଙ୍ଗାଲି ବ୍ଲକ ବାସୁପାଲି ଠାରେ ଜିଲ୍ଲା ସଭାପତି ଯୋଗେଶ୍ୱର ପଟ୍ଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସାଧାରଣ ନିର୍ବାଚନରେ ଭାଗ ନେଇଥିବା ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି, ବିଜେପିର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କଂଗ୍ରେସ ଦଳ ରାଜ୍ୟରେ ସୁପ୍ତ ଥିବାବେଳେ ବିଜେପି ମିଛ ପ୍ରତିଶୃତି ଦେଇ ଲୋକଙ୍କୁ ଭୂଆଁ ବୁଲେଇ ଚାଲିଛି। ୨୦୧୪ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ କରି ପାରିନାହିଁ। ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ତେଲ ଦର ଅହେତୁକ ବୃଦ୍ଧି ପାଇଥିଲା। ସାରା ଦେଶରେ ବିଜେପି ସରକାର ଆଦିବାସୀ ପଛୁଆବର୍ଗ ଦଳିତଙ୍କ ପ୍ରତି ନକରାତ୍ମକ ବ୍ୟବହାର ପୋଷଣ କରୁଛି। ମଣିପୁର ଆଦିବାସୀ ମହିଳା ମାନଙ୍କୁ ଉଲଗ୍ନ କରି ଅତ୍ୟାଚାର ଦେଶବାସୀ ଦେଖିଛନ୍ତି। ଏହି ଜୀବନ୍ତ ଉଦାହରଣ ଗୋଁଣ୍ଡ ମହାସଭାକୁ ପ୍ରବଳ ପରିମାଣରେ ବାଧିଛି। ତେଣୁ ମହାସଭା ଆହ୍ୱାନ କରିଛି ବିଜେପିକୁ ଆଦିବାସୀ ସମାଜ ମୋଟା ମୋଟି ଭାବରେ ମତଦାନ କରିବ ନାହିଁ ବୋଲି ବୋଲି ନିଷ୍ପତ୍ତି କରିଛି। ନବୀନ ସରକାର ଓ ତାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟ ଭାବରେ ରାଜଧାନୀରେ ୧୦୦ କୋଟି ଟଙ୍କାର ଆଦିବାସୀ ଭବନ, ଗୋଁଣ୍ଡ ମାନଙ୍କ ପାଇଁ ୫ କୋଟି ଟଙ୍କାର ଜମି ସହିତ ୩ କୋଟି ଟଙ୍କାର ଗୋଁଣ୍ଡ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବେଳେ ସାରା ରାଜ୍ୟରେ ଗୋଁଣ୍ଡ ମାନଙ୍କର ଆରାଧ ଦେବତା ଜଙ୍ଗା ବଡଦେଓଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ବିଜେଡିକୁ ପୂର୍ଣ୍ଣ ମାତ୍ରାରେ ଚଳିତ ନିର୍ବାଚନରେ ସମ୍ବଲପୁର ସଂସାଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ସହିତ ସମସ୍ତ ୭ଟି କ୍ଷେତ୍ରରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବା ସହିତ ନବୀନ ପଟ୍ଟନାୟକଙ୍କୁ ଆକୁଣ୍ଠ ସମର୍ଥନ କରିବେ ବୋଲି ଗୋଁଣ୍ଡ ମହାସଭା ଅନୁରୋଧ କରିଛି। ଏହି ସଭାରେ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲ୍ଲା ସଭାପତି ଯୋଗେଶ୍ୱର ପଟ୍ଟା, ଜିଲ୍ଲା ମହାସଚିବ ମନୋଜ ନାଏକ ତଥା ରେଙ୍ଗାଲି, ମାନେଶ୍ୱର, ଧନକଉଡ଼ା, ସମ୍ବଲପୁର ଟାଉନ ଆଦି ଅଞ୍ଚଳର ସମସ୍ତ ବ୍ଲକ କମିଟି ତଥା ୨୫ଟି ଗୁଡ଼ି କମିଟି ପ୍ରମୁଖ ଯୋଗଦେଇଥିଲେ।

### ମା’ ଗର୍ଭରୁ ଶ୍ମଶାନ ଯାଏ ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ

# ନବୀନ ବାବୁ ଯାହା କହନ୍ତି, ତାହା କରି ଦେଖାନ୍ତି: ପ୍ରସନ୍ନ

**ରେଢ଼ାଖୋଲ, ୧୫।୫(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଧୀନ କିସିଣ୍ଡା ପଞ୍ଚାୟତ ନିକଟସ୍ଥ ଗୌଡ଼ପାଲି ସ୍ଥିତ ଗଦଗଦା ଠାରେ ବୁଧବାର ଦିନ ଆଦିବାସୀ ସମ୍ପ୍ରଦାୟ ଲୋକ ମାନଙ୍କ ଏକ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସଦସ୍ୟ ତଥା ବିଜେଡି ଷ୍ଟାର ପ୍ରଚାରକ ନିରଞ୍ଜନ ବିଶି ଯୋଗ ଦେଇ କେନ୍ଦ୍ର ସରକାର ଉପରେ ଗର୍ଜି ଥିଲେ ଆଦିବାସୀ ସମ୍ପ୍ରଦାୟ ସାଧାରଣ ଲୋକଙ୍କ ପାଇଁ ସବୁବେଳେ ଅବହେଳା କରି ଆସିଛି। ଆଦିବାସୀ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, କଳା, ପାରମ୍ପରିକ ସଂସ୍କୃତିକୁ କେବେ ସମ୍ମାନ ଦେଇନାହିଁ। ଆଧୁନିକ ଯୁଗରେ କିସିଣ୍ଡା ଅଞ୍ଚଳର ବହୁ ଗାଁ ଗୁଡିକରେ ଆଜି ପର୍ଯ୍ୟନ୍ତ ଏକ ମୋବାଇଲ ଟାୱାର ଟିଏ କେନ୍ଦ୍ର ସରକାର କରିପାରୁ ନାହିଁ। ରାଜ୍ୟ ସରକାର ଆଦିବାସୀ ସମ୍ପ୍ରଦାୟର କିଛି ଭାଷାକୁ ଅଷ୍ଟମ ପରିଚ୍ଛେଦରେ ମାନ୍ୟତା ଦେବା ପାଇଁ ବାରମ୍ବାର ଅନୁରୋଧ କଲେ ମଧ କେନ୍ଦ୍ର ସରକାର ଅନୁମୋଦନ କରୁନାହିଁ। ଏହିପରି ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ର ସରକାର ଉପରେ ବର୍ଷି ଥିଲେ ପ୍ରସନ୍ନ ଓ ନିରଞ୍ଜନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ସମ୍ପ୍ରଦାୟ ଲୋକ ମାନଙ୍କ ପାଇଁ ଭୁବନେଶ୍ୱର ଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ଆଦିବାସୀ ଭବନ ନିର୍ମାଣ



### ଆଦିବାସୀଙ୍କୁ ଅବହେଳା କରି ଆସିଛି କେନ୍ଦ୍ର: ନିରଞ୍ଜନ

କରୁଛନ୍ତି। ଏଥିରେ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଲୋକ ଉପକୃତ ହେବେ। ଆଦିବାସୀ ଲୋକଙ୍କ ୧୪ ହଜାର ବିଭିନ୍ନ କେସ ଉଠାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତା ସହିତ ଆଦିବାସୀ ସମ୍ପ୍ରଦାୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଥମରୁ ଗ୍ରାଜୁଏସନ୍ ପର୍ଯ୍ୟନ୍ତ ନିଶୁଳ୍କ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ବିଶି ପ୍ରତିକ୍ରିୟା ଦେଇଥିଲେ। ରେଢ଼ାଖୋଲ ବିଜେଡ଼ି ବିଧାନସଭା




ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଶାରେ ଆଦିବାସୀ ସମ୍ପ୍ରଦାୟ ୬ ଲକ୍ଷରୁ ଉର୍ଦ୍ଧ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ହସ୍ତାନ୍ତର କରିଛନ୍ତି। ଜଙ୍ଗଲରେ ଥିବା ପ୍ରାକୃତିକ ସମ୍ପଦାକୁ ସୁରକ୍ଷା କରି ଆସୁଛନ୍ତି ଆଦିବାସୀ ମାନେ। ଆଦିବାସୀ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ନିରନ୍ତର ପ୍ରୟାସ କରି ଆସିଛନ୍ତି ନବୀନ ପଟ୍ଟନାୟକ। ରାଜ୍ୟ ସରକାର ମା’ ପେଟରୁ ଶ୍ମଶାନ ଘାଟ ଯାଏ ବିଭିନ୍ନ ଯୋଜନା କରିଛନ୍ତି। ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଏଥିରେ ୬୦ ବର୍ଷର ଏସ୍ଏଚ୍ଜି ମା’ ମାନଙ୍କୁ ପେନସନ ବ୍ୟବସ୍ଥା କରାଯିବ। ଗରିବ ପରିବାରକୁ ବିଜୁଳି ନିଶୁଳ୍କ କରାଯିବ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଡବଲ ଶଙ୍ଖରେ ଭୋଟ ଦେଇ ବିକାଶ ଧାରା ଡବଲ କରିବା ପାଇଁ ଅନୁରୋଧ କରିଥିଲେ। ନବୀନ ବାବୁ ଯାହା କହନ୍ତି, ତାହା କରି ଦେଖାନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଂଯୋଜକ ବିଷ୍ଣୁ ପ୍ରସାଦ କେଡିଆ ଯୋଗଦେଇଥିଲେ। ଆଦିବାସୀ ଜିଲ୍ଲା ସମ୍ପାଦକ ମହେନ୍ଦ୍ର କଅଁର, ସହ ସମ୍ପାଦକ କବିର ନାଏକ, ରେଢ଼ାଖୋଲ, ନାକଟିଦେଉଳ, ଯୁଯୁମୁରା ବ୍ଲକ ପ୍ରଭାରୀ ବିବ୍ୟାଙ୍ଗ ରୋହିତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ

**ନାକଟିଦେଉଳ, ୧୫।୫(ସମିସ):** ନାକଟିଦେଉଳ ସରାପାଲି ନିକଟସ୍ଥ ସର୍ବ ପୁରାତନ ଯଜ୍ଞ ପୀଠ କୁଞ୍ଜବନ ଠାରେ ମେ ୧୦ରୁ ଆରମ୍ଭ ହୋଇଥିବା ବିଶ୍?ଶାନ୍ତି ମହାବିଷ୍ଣୁ ଯଜ୍ଞ ଉଦଯାପିତ ହୋଇଯାଇଛି। ସରାପାଲି, ମହକୁଦ, ଉପରମୁଣ୍ଡା, ଜୁରାପାଲି, ଗୌଡ଼ପଡ଼ା, ବଲାସିଂହା, କତରାପାଲି, ପୋଡ଼ଖୋଲ, ଚନ୍ଦ୍ରପୁର, ପଣ୍ଡୁଆଖୋଲ, ହିକପାଲି, ନାଟୁଆବୁରୀ ଓ ଗୋଧିଡିପ, ମାରୱାଡିମୁଣ୍ଡା, ବିଜାଗଡ଼, ଭାଲୁମୁଣ୍ଡା, ?ମାମହୁଲ, ଜେମାଜୁରୀ, ଚାଷଭରଡି, ଟିକିଲିପଡ଼ା, ଗଡ଼ଖୋଳ ଆଦି ୨୧ଟି ଗ୍ରାମବାସୀଙ୍କ ସହଯୋଗରେ ଚବିଶ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲପାଲିର ମଠାଧୀଶ ଶ୍ରୀ ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ ପୁରୀଜୀ ମହାରାଜଙ୍କ ପୌରାହିତ୍ୟରେ ୫ଦିନ ଧରି ଏହି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥର ଯଜ୍ଞ ସମାରୋହରେ ମହିଳା ପାଲା, ରାମଲୀଳା, ଉଡ଼ନ୍ତା ହନୁମାନ, ମୀନାବଜାର ସମସ୍ତଙ୍କୁ ଆକର୍ଷିତ କରିଥିବା ବେଳେ ରକ୍ତ ଦାନ ଶିବିର, ବିଭିନ୍ନ ଦିବସରେ ଦୂର ଦୁରାନ୍ତରୁ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ପ୍ରସାଦ ସେବନ କାର୍ଯ୍ୟକ୍ରମରେ ପ୍ରାୟ ୩ହଜାରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇଥିଲା। ଅଚ୍ୟୁତାନନ୍ଦ ପ୍ରଧାନ, ନାରାୟଣ ସାହୁ, ଧିରେନ କୁମାର ସାହୁ, ଅବନୀକାନ୍ତ ମହାକୁଡ଼, ବିପିନ ବିହାରୀ ପ୍ରଧାନ, ହଳଧର ସାହୁ, ମହେଶ୍ୱର ପ୍ରଧାନ, ନୀଳାମ୍ବର ସାହୁ ପ୍ରମୁଖଙ୍କ ସମେତ ଯଜ୍ଞ କମିଟି ଓ କୁଞ୍ଜବନ ଉନ୍ନୟନ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ସାଦା ପୋଷାକରେ ଆଇଆଇସିଙ୍କ ଡ୍ୟୁଟି, ତାଗିଦ୍ କଲେ ଏସ୍‌ପି

**ସମ୍ବଲପୁର, ୧୫।୫(ସମିସ)**:ସମ୍ବଲପୁର ଜିଲ୍ଲାର ଜଣେ କାର୍ଯ୍ୟରତ ମହିଳା ଆଇଆଇସି ନିର୍ବାଚନ କାର୍ଯ୍ୟ କରିବା ସମୟରେ ସାଦା ପୋଷକ ପିନ୍ଧି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଏହି କାର୍ଯ୍ୟ ପାଇଁ ସମ୍ବଲପୁର ଏସପି ତାଙ୍କୁ ତାଗିଦ୍ କରିବା ସହ ଅନ୍ୟ ଆଇଆଇସିଙ୍କୁ ମଧ ସଜାଗ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କାର୍ଯ୍ୟରେ ସାଦା ପୋଷାକ ବ୍ୟବହାର କରି କାର୍ଯ୍ୟ କରିବା ଗ୍ରହଣୀୟ ନୁହେଁ ବୋଲି ଏସ୍‌ପି ରୋକ୍‌ଠୋକ ଶୁଣାଇ ଦେଇଛନ୍ତି। ପ୍ରକାଶଥାଉକି ସାଧାରଣ ନିର୍ବାଚନ ପାଇଁ ସମ୍ବଲପୁର ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅପରାଧକୁ ରୋକିବା ନେଇ ପ୍ରତିଦିନ ନାକାବନ୍ଦୀ କରି ଯାନବାହନ ଯାଞ୍ଚ କରାଯାଉଛି। ଜିଲ୍ଲାରେ ଅବାଧ, ନିରପେକ୍ଷ ନିର୍ବାଚନ ହେବା ନେଇ ପୁଲିସ ଅଧିକ ଗୁରୁତ୍ୱ ଦେଉଛି। ଜିଲ୍ଲାରେ କୌଣସି ବେଆଇନ ନିଶା କାରବାର ଯେପରି ହେବ ନାହିଁ ସେଥି ପ୍ରତିଦିନ ପାଟ୍ରୋଲିଂ ମଧ ହେଉଛି। ଏହି ପରିପ୍ରେକ୍ଷୀରେ ଗତକାଲି ଠେଲକୋଲଇ ଥାନା ଅନ୍ତର୍ଗତ ଜିଲାଲ୍ ସୀମାରେଖା ଖେରୱାଲ ପୋଲଠାରେ ପୁଲିସ ଚେକିଂ କରୁଥିଲା। ଠେଲକୋଲଇ ଥାନା ଅଧିକାରୀ ସାବିତ୍ରୀ ବଳଙ୍କ ସହ ଏସ୍ଏସ୍‌ଟି ଟିମ୍ କାର୍ଯ୍ୟରେ ଉପସ୍ଥିତ ଥିଲେ। ଜଣେ ବ୍ୟକ୍ତିଙ୍କ ପାଖରୁ ଅଢେଇ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏ ନେଇ ‘ସମ୍ବଲପୁର ପୁଲିସ ମିଡିଆ’ ନାମକ ହ୍ୱାଟସଅପ୍ ଗ୍ରୁପରେ ସୂଚନା ଦିଆଯାଇଥିଲା। ଏହି ଖବରର ଏକ ଭିଡିଓ ସଦର ଏସଡିପିଓ ତୋଫାନ ବାଗ ଦେଇଥିବା ବେଳେ ସେଥିରେ ଥାନା ଅଧିକାରୀ ସାଦା ପୋଷାକରେ ଜବତ ଟଙ୍କା ସମ୍ମୁଖରେ ଉପସ୍ଥିତ ଥିଲେ। ଯାହାକୁ ନେଇ ବୁଧବାର ସମ୍ବଲପୁର ଏସପି କଡ଼ା ଚେତାବନୀ ଦେଇଛନ୍ତି। ଉକ୍ତ ଗ୍ରୁପରେ ଏ ପ୍ରକାର ଭିଡିଓ ପୋଷ୍ଟ କରନ୍ତୁ ନାହିଁ ବୋଲି ଉଲ୍ଲେଖ କରିବା ସହିତ ସାଧା ପୋଷାକରେ ଆଇଆଇସି ନିର୍ବାଚନ ଡ୍ୟୁଟି କରୁଥିବା ପୁଲିସ ମହାନିର୍ଦ୍ଦେଶକ ଦେଖି ସାରିଛନ୍ତି। ଇଲେକ୍ସନ ଡ୍ୟୁଟି ହେଉଛି ଅଫିସିଆଲ କାର୍ଯ୍ୟ। ତେଣୁ ଏହିପରି ଡ୍ୟୁଟି କରିବା ବେଳେ ସାଧା ପୋଷାକରେ ଆଇଆଇସି ଉପସ୍ଥିତ ଥିବା ଗ୍ରହଣୀୟ ନୁହେଁ। ତେଣୁ ସମସ୍ତ ଆଇଆଇସି ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ଲେଖିଛନ୍ତି।




## ସର୍ପାଘାତରେ ୨ ମୃତ

**କୁଚିଣ୍ଡା, ୧୫।୫(ସମିସ)** : ମହୁଲପାଲି ଥାନା କେଶେଇବାହାଲ ନିକଟସ୍ଥ ଉତ୍ତର ଗାଁ ଡଙ୍ଗାଖୁଣ୍ଟି ଗ୍ରାମର ଦିଲ୍ଲୀପ ଖଡ଼ିଆଙ୍କ ୬ ବର୍ଷର ଝିଅ ଉଷାସୀ ଖଡ଼ିଆ ଘର ଅଗଣାରେ ୬ଟା ୩୦ ମି ରେ ଖେଳୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିବା ଜାଣିବାକୁ ପାଇଥିଲେ। ଅନ୍ଧ ବିଶ୍ୱାସର ବଶବର୍ତ୍ତି ହୋଇ ଝଡାଫୁଙ୍କର ଆଶ୍ରୟ ନେଇ ନିରାଶ ହେବା ପରେ ଚିକିତ୍ସା ପାଇଁ ୮ ଟା ପାଖାପାଖି କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମହୁଲପାଲି ଥାନା ରେ କେସ ନଂ ୧୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେହିପରି ମହୁଲପାଲି ଥାନା ଅଞ୍ଚଳର ଲାଙ୍ଗବାହାଲ ଗ୍ରାମର ପଞ୍ଚମ କିସାନଙ୍କ ପୁଅ ରାଜକୁମାର କିସାନ(୧୪) ଖେଳୁଥିବା ବେଳେ ଏକ କାଠଗଦାରେ ଗୋଖରା ସାପ କାମୁଡ଼ି ଦେଇ ଗାତ ଭିତରକୁ ପଶିଯାଇଥିଲା। ପରିବାର ଲୋକେ ଝଡାଫୁଙ୍କାର ଆଶ୍ରୟ ନେଇ ନିରାଶ ହୋଇ କୁଚିଣ୍ଡା ଡକ୍ଟରଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମହୁଲପାଲି ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ମାନେଶ୍ୱର ବ୍ଲକରେ ପ୍ରସନ୍ନଙ୍କ ମାରାଥନ ପ୍ରଚାର



**ମାନେଶ୍ୱର, ୧୫।୫(ସମିସ)**: ବିଜେଡି ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ମାନେଶ୍ୱର ବ୍ଲକ ଜୋନ-୨ ଅଞ୍ଚଳ ଗସ୍ତକରି ମାରାଥନ ଭୋଟ ପ୍ରଚାର କରିଛନ୍ତି। ଏହି ଅଞ୍ଚଳର ସମସ୍ତ ଗାଁରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଏକ ବାଇକ ରେଲି ରେ ସାହାସପୁରରେ ପହଞ୍ଚିବା ପରେ ସେଠାରେ ଶତାଧିକ ମହିଳା ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସାହାସପୁର ଛକରୁ ଏକ ପଦଯାତ୍ରାରେ ଗାଁ ଜଗନ୍ନାଥ ମନ୍ଦିରକୁ ଯାଇ ଦର୍ଶନ କରିବା ପରେ ଶ୍ରୀ ଆଚାର୍ଯ୍ୟ ଲୋକଙ୍କୁ ସମ୍ବୋଧିତ କରିଥିଲେ। ସେଠାରୁ ପଞ୍ଚାୟତର ବାଉସେନମୁରା, ଚକୁଳି, ପୁଟିଆପାଲି, ଅର୍ଡ଼ା, ଶଙ୍ଖଲା ଗାଁ ଗସ୍ତକରି ଲୋକଙ୍କୁ ଭେଟିଥିଲେ। ସମସ୍ତ ସ୍ଥାନରେ ଲୋକେ ଉତ୍ସାହ ସହିତ ତାଙ୍କୁ ସ୍ୱାଗତ କରିଥିଲେ। ଗସ୍ତ ସମୟରେ ତାଙ୍କ ସହିତ ବିଜେଡି ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଗୀତାଞ୍ଜଳି ପାଣ୍ଡେ, ଡକରା ସରପଞ୍ଚ ସଞ୍ଜିବ ପୁଜାରୀ, ଚିତ୍ତରଞ୍ଜନ ବାଗ, ସମିର ପାଢ଼ୀ, ସମିତିସଭ୍ୟ ଲିନା ମହାପାତ୍ର, ବୀଣାପାଣି ବେହେରା, ପଦ୍ମିନୀ ଦାସ ପ୍ରମୁଖ ସାମିଲ ଥିଲେ। ଶ୍ରୀ ଆଚାର୍ଯ୍ୟ ବଦୁଆପାଲି ଠାରେ ଆୟୋଜିତ ଏକ ବିଶାଳ ଜନ ସମାବେଶରେ ମଧ ଉଦବୋଧନ ଦେଇଥିଲେ। ଲୋକଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବର୍ତ୍ତମାନର ଇସ୍ତାହାରରେ ଦିଆଯାଇଥିବା ଜନମୁଖୀ ଯୋଜନା ବିଷୟରେ କହିବା ସହ ଏଥର ନିର୍ବାଚନରେ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଭୋଟରଙ୍କୁ ଅନୁରୋଧ କରିଥିଲେ। ସେହିପରି ସନ୍ଧ୍ୟାରେ ହୁମା ଓ ବରଗାଁ ପଞ୍ଚାୟତ ଗସ୍ତ କରି ଆୟୋଜିତ ସଭାରେ ଉଦବୋଧନ ଦେଇଥିଲେ।

# ବିଜେଡିକୁ ମିଳୁଛି ବିପୁଳ ସମର୍ଥନ



**ବରଗଡ଼, ୧୫।୫(ସମିସ):** ବରଗଡ଼ ବିଧାନସଭାର ବିଭିନ୍ନ ଗ୍ରାମରେ ବିଜେଡିକୁ ବିପୁଳ ଜନସମର୍ଥନ ମିଳୁଥିବା କହିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ। ଶ୍ରୀ ଆଚାର୍ଯ୍ୟ ତାଙ୍କ ନିର୍ବାଚନ ପ୍ରଚାରରେ ବିଭିନ୍ନ ଗ୍ରାମ ଗସ୍ତକରି ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କୁ ଭେଟି ଆଶୀର୍ବାଦ କାମନା କରୁଛନ୍ତି। ଡବଲ ବିକାଶ ପାଇଁ ଡବଲ ଶଙ୍ଖରେ ଆଶୀର୍ବାଦ ପ୍ରଦାନ ପାଇଁ ସେ ନିବେଦନ କରୁଛନ୍ତି। ଏହି ଅବସରରେ ସେ ତେଲେନଟିକ୍ରା, ରେଙ୍ଗାଲପାଲି, ଝାଡେଶ୍ୱର ମନ୍ଦିର ପଡ଼ା ପ୍ରଭୃତି ଗ୍ରାମରେ ନିର୍ବାଚନୀ ପ୍ରଚାର କରିଛନ୍ତି। ବିଶେଷ କରି ମାଆ ମାନଙ୍କ ସମର୍ଥନ ଓ ଆଶୀର୍ବାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ରହିଥିବା ଭଲ ପାଇବା ଦେଖିବାକୁ ମିଳିଛି।

# ଏମ୍ଏସ୍ପି ବୃଦ୍ଧି ଘୋଷଣା ବିଜେପିର ନିର୍ବାଚନୀ ଥୋପ: ଦେବେଶ

**ବରଗଡ଼, ୧୫।୫ (ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ବିଜେଡି ସରକାର ରାଜ୍ୟର ଚାଷୀମାନଙ୍କ ସ୍ୱାର୍ଥ ପାଇଁ ଧାନର ଏମଏସପିକୁ ସ୍ୱାମୀନାଥନ କମିଟିର ସୁପାରିସ ଆଧାରରେ ବୃଦ୍ଧି କରିବା ପାଇଁ କେନ୍ଦ୍ର ବିଜେପି ସରକାରଙ୍କ ଠାରେ ବାରମ୍ବାର ଦାବି କରି ଆସୁଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରେ ଓଡ଼ିଶାର ଚାଷୀଙ୍କ କଥା ଶୁଣିବା ପାଇଁ ସମୟ ନଥିଲା। ବର୍ତ୍ତମାନ ନିର୍ବାଚନ ଥିବାରୁ ହଠାତ୍ ମନେ ପଡ଼ିଲା ଓ କେବଳ ଓଡ଼ିଶାର ଚାଷୀଙ୍କ ପାଇଁ ଏମଏସପି ବୃଦ୍ଧି ଘୋଷଣା କରି ଏକ ନିର୍ବାଚନୀ ଥୋପ ପକାଇଛନ୍ତି ବୋଲି ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁ ଓ ନାଗେନପାଲି ଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗ ଦେଇ ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ଆଚାର୍ଯ୍ୟ କେନ୍ଦ୍ର ବିଜେପି ସରକାର ଉପରେ ବର୍ଷିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଜେପି ଦଳ ପୂର୍ବରୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି। ତେଣୁ ବରଗଡ଼ ଜିଲ୍ଲା ଭୋଟର ଭଲ ଭାବେ ଜାଣିଛନ୍ତି ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ନୁହେଁ କେବଳ ନବୀନ ବାବୁଙ୍କ ଇଞ୍ଜିନ ହିଁ ଯଥେଷ୍ଟ। ତେଣୁ ଆଗାମୀ ନିର୍ବାଚନରେ ଜନସାଧାରଣ ମନସ୍ଥ କରି ସାରିଲେଣି ଓଡ଼ିଶାରେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବେ। ଏହି ସଭାରେ ଉଭୟ ଗ୍ରାମର ଶହ ଶହ ସଂଖ୍ୟାରେ ଦଳୀୟ କର୍ମୀ ସମବେତ ହୋଇ ବିରାଟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



# ଅମ୍ବାପାଲିରେ ବିଜେଡିର ବିଶାଳ ଜନ ସମାବେଶ

ବରଗଡ଼ ପୌରପରିଷଦ ୧୭ ନମ୍ବର ୱାର୍ଡ଼ ଅମ୍ବାପାଲିରେ ଏକ ବିରାଟ ଜନ ସମାବେଶର ଆୟୋଜନ କରି ବିରୋଧୀଙ୍କୁ ଚକିତ କରିଦେଇଛି ବିଜୁ ଜନତା ଦଳ। ବୁଧବାର ଅମ୍ବାପାଲି ଗଜପତି ମଣ୍ଡପରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସଭାରେ ବିଜେଡି ଟାଉନ ସଭାପତି କିଶୋର ମିଶ୍ର ସଭାପତିତ୍ୱ କରିଥିଲେ। ଏ ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଗତ ଦଶବର୍ଷରେ ହୋଇଥିବା ବିକାଶ କାର୍ଯ୍ୟର ହିସାବ ଦେବା ସହିତ ଆଗାମୀ ପାଞ୍ଚ ବର୍ଷର ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ନିର୍ବାଚନରେ ବିଜେଡି ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଡବଲ ଶଙ୍ଖରେ ଆଶୀର୍ବାଦ ପ୍ରଦାନ ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧକ୍ଷା କଳ୍ପନା ମାଝୀ, ପୂର୍ବତନ କାଉନସିଲର ନାରାୟଣ ଭୋଇ ଅମ୍ବାପାଲି ଅଞ୍ଚଳରେ ବହୁବିଧ ବିକାଶ କାର୍ଯ୍ୟ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। ସେହିପରି ଓଡ଼ିଶା ମୋ ପରିବାରର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଅବଗତ କରିଥିଲେ। ନାରୀନେତ୍ରୀ ଅନୁରାଧା ଅଗ୍ରୱାଲ ଦରବୃଦ୍ଧି ରୋକିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି ସେଥିପାଇଁ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ଭୋଟ ଦେବାପାଇଁ ଅନୁରୋଧ କରିଥିଲେ। ସଭା ପୂର୍ବରୁ ହଜାର ହଜାର ଲୋକଙ୍କ ସହିତ ଏକ ବିରାଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।




# ପାଇକମାଲରେ ଧାନମଣ୍ଡି ଖୋଲିଲା



**ପାଇକମାଲ, ୧୫।୫ (ସମିସ):** ପାଇକମାଲ ସାପ୍ତାହିକ ବଜାର ପରିସରରେରେ ଥିବା ଆର୍‌ଏମ୍‌ସି ତରଫରୁ ରବି ଧାନମଣ୍ଡି ବୁଧବାର ଆରମ୍ଭ ହୋଇଛି। ପାଇକମାଲ ସେବାସମବାୟ ସମିତିର ସଭାପତି ବିଜୟ କୁମାର ସ୍ୱାଇଁ ପୂଜାର୍ଚ୍ଚନା କରି ନଡ଼ିଆ ଭାଙ୍ଗି ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ସୋସାଇଟି ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଓ ଆର୍‌ଏମ୍‌ସିର କୃପାରାମ ଦିଶ୍ରୀଙ୍କ ସମେତ ଅନେକ ଚାଷୀ ଭାଇ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୧ ଜଣ ଚାଷୀଙ୍କ ୮୪୦ କୁଇଣ୍ଟାଲ ୩୨ କେଜି ଧାନ ଉଠିଥିଲା।

# ବିଜେଡିର ବିଶାଳ ନିର୍ବାଚନୀ ସଭା



**ଡୁଙ୍ଗୁରି/ଅମ୍ବାଭୋନା, ୧୫।୫(ସମିସ):** ଅମ୍ବାଭୋନା ଠାରେ ବ୍ଲକ ବିଜୁଜନତା ଦଳର ଏକ ବିରାଟ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରଘୁନାଥ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ଇସ୍ତାହାର ଉପରେ ଆଲୋକପାତ କରି ବିଜେପିର ମିଥ୍ୟା ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କରିବାକୁ ଅନୁରୋଧ କରି ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଜିଲ୍ଲା ପରିଷଦ ସଦସ୍ୟା ନୀଳ କୁମାରୀ ନାୟକ, କଳ୍ପନା ପ୍ରଧାନ, ଏଡ୍‌ଭୋକେଟ କୁନା ଆଚାର୍ଯ୍ୟ, ବିଷ୍ଣୁ ପଧାନ, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ, ଶ୍ୟାମଲାଲ ନାଏକ, ସନ୍ତୋଷ ସେଠ, ଗଜେନ୍ଦ୍ର ଦାସ, ରଥୁ ପଟେଲ ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାନନ ପୁରୋହିତ ସଂଯୋଜନା କରିଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ସିଂହ ପ୍ରଥମେ ବାବା କେଦାରନାଥଙ୍କ ଠାରେ ପୂଜାର୍ଚ୍ଚନା ପରେ ତାଙ୍କୁ ଏକ ଭବ୍ୟ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣା ଯାଇଥିଲା। ଏଥିରେ ଅମ୍ବାଭୋନା ବ୍ଲକର ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ।

# ନବୀନ ହେଉଛନ୍ତି ବିକାଶର ମହାନାୟକ: ରୀତା ସାହୁ

**ଗୁଦେରପାଲି, ୧୫।୫(ସମିସ):** ନିର୍ବାଚନ ପାଖେଇବା ସହିତ ନେତା, କର୍ମୀ ଓ ଭୋଟରଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ସମସ୍ତ ରାଜନୈତିକ ଦଳର ନଜର ଯୁବ ଭୋଟରଙ୍କ ଉପରେ ରହୁଥିବା ପରିଲକ୍ଷିତ ହେଉଛି। ବିଜେଡି ବିଧାୟକ ପ୍ରାର୍ଥୀ ରିତା ସାହୁ ନବୀନ ସରକାରଙ୍କ ଗ୍ୟାରେଣ୍ଟି, ବିକାଶ ଏବଂ ନବୀନ ଗୋଟିଏ ନାଁ ନୁହଁ ବିକାଶର ମହାନାୟକ ଏହି ବାର୍ତ୍ତାକୁ ପାଥେୟ କରି ପ୍ରଚାର କରୁଛନ୍ତି। ଗାଇସିଲେଟ ବ୍ଲକର ଗୁଦେରପାଲି, ରାଇସଲପଦର, ଜାମୁଟପାଲି, ସନ୍ଧିବାହାଲ ଏବଂ ସରଧାପାଲି ଆଦି ଗ୍ରାମପଞ୍ଚାୟତରେ ତାଙ୍କ ସମର୍ଥକ ମାନଙ୍କ ସହିତ ବିଜେଡି ବିଧାୟକ ପ୍ରାର୍ଥୀ ରିତା ସାହୁ ମାରାଥନ ପ୍ରଚାର କରିଛନ୍ତି।



# ବିଜେପି ବିଧାୟକ ପ୍ରାର୍ଥୀଙ୍କ ବାଇକ ଶୋଭାଯାତ୍ରା



**ଦହିତା, ୧୫।୪ (ସମିସ):** ପଦ୍ମପୁର ବିଜେପି ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ନିର୍ବାଚନ ସମର୍ଥକଙ୍କ ସହ ବିଶାଳ ବାଇକ ରାଲିରେ ମାରାଥନ ପ୍ରଚାର କରିଛନ୍ତି। ଦହିତା ମଣ୍ଡଳ ବୁଡେନ ପଞ୍ଚାୟତ ର ଧୋବଘାଟ, ଅମରାଖୋଲ, ଜୟପୁର, ବରଦାପାଲି, କଲୋନୀ, ବିର୍ଜୁପାଲି, ଧଉଳିବାହାଲ, ବଡିପଥର, ସିଲେଟପାଲି, ବୁକାଜୁଲା, ନରେନ୍ଦ୍ରପୁର, କୁକ୍ରିମୁଣ୍ଡା, ଦହିତା ପଞ୍ଚାୟତ ସୁଲିଆ, ଡଙ୍ଗାଛଞ୍ଚା ଆଦି ଗାଁ କୁ ବାଇକ ପଟୁଆରରେ ଯାଇ ପ୍ରଚାର କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି କେତନ ମେହେର, ଶ୍ରୀକାନ୍ତ ପାଣିଗ୍ରାହୀ, ପଞ୍ଚାନନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଜୟଚନ୍ଦ୍ର ସାହୁ, ରମଣୀରଞ୍ଜନ ହୋତା, ଜ୍ୟୋତିର୍ମୟ ସାହୁ, ସତ୍ୟନାରାୟନ କମାତି, ସଙ୍କୀର୍ତ୍ତନ ହୋତା, ସଞ୍ଜୟ ସାହୁ, ଖଗେଶ୍ୱର ମେହେର ସାମିଲ ଥିଲେ।

# ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କଲା ନିଷ୍ଠା ପରିବାର

**ବରଗଡ଼, ୧୫।୫(ସମିସ):** ବିଗତ ଦିନରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳି ପାରି ନଥିବା ବେଳେ ବୁଧବାର ନିଷ୍ଠା ପରିବାର ତରଫରୁ ଶବ ସତ୍କାର କରାଯାଇଥିଲା। ଗୋଡ଼ଭଗା ପୁଲିସ ଦ୍ୱାରା ତାଙ୍କ ମୃତ ଦେହକୁ ୭୨ ଘଣ୍ଟା ପାଇଁ ଶବ ସଂରକ୍ଷଣ ଗୃହରେ ରଖା ଯାଇଥିଲା। ତେବେ ତାଙ୍କ ପରିଚୟ ମିଳି ପାରି ନଥିବା ବେଳେ ଗୋଡ଼ଭଗା ପୁଲିସର ଲିଖିତ ଅନୁରୋଧ ପରେ ନିଷ୍ଠା ପରିବାର ତରଫରୁ ସମ୍ମାନ ସହିତ ଶବ ସତ୍କାର କରାଯାଇଥିଲା। ଏହି ମହତ କାର୍ଯ୍ୟରେ ନିଷ୍ଠା ପରିବାରର ସଦସ୍ୟ ମାନସ ମେହେର ଓ ମିନକେତନ ରାଉତ ଉପସ୍ଥିତ ଥିଲେ।



# ରାଜବୋଡ଼ାସମ୍ବର କୃଷକ ସଂଗଠନର ଗାଁକୁ ଚାଲ ଅଭିଯାନ

**ପାଇକମାଲ, ୧୫।୫ (ସମିସ):** ରାଜବୋଡ଼ାସମ୍ବର କୃଷକ ସଂଗଠନ ପକ୍ଷରୁ ଗାଁ କୁ ଚାଲ ଅଭିଯାନ କାର୍ଯ୍ୟକ୍ରମରେ ସଂଗଠନ କର୍ମୀ ମାନେ ଗାଁ ଗାଁ ବୁଲି ଭୋଟର ମାନଙ୍କୁ ନିର୍ବାଚନୀ ସଚେତନତା ବାର୍ତ୍ତା ଦେଉଛନ୍ତି। ୫୫୫ଦିନ ଆନ୍ଦୋଳନ ଧାରଣା ପରେ ଅସମାହିତ ସମସ୍ୟାର ସମାଧାନ ପାଇଁ ସଂଗଠନ ଭୋଟର ମାନଙ୍କ ଉପରେ ବିଚାର କରିବାକୁ ଛାଡ଼ିଦେଇଛି। ଗତ ୭୫ବର୍ଷ ଭିତରେ କୌଣସି ଦଳ ନିର୍ବାଚନୀ ଇସ୍ତାହାର ଠିକ ଭାବେ କାର୍ଯ୍ୟକାରୀ କରୁନାହାଁନ୍ତି କିମ୍ବା ଲୋକଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ସେଥିପାଇଁ ସଂଗଠନ ତରଫରୁ ଫସଲର ମୂଲ୍ୟ, ମଣ୍ଡି ବ୍ୟବସ୍ଥା, ଜଳସେଚନ, ଋଣ ଛାଡ଼, ବିଦ୍ୟୁତ ବିଲ ସମସ୍ୟା, ବେକାରୀ ସମସ୍ୟା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ୟାକୁ ପ୍ରସଙ୍ଗ କରି ପାଇକମାଲ ବ୍ଲକର ମିଠାପାଲି, ଜାମସେଠ, ଛିଦେକେଲା, ମାଣ୍ଡୋସିଲି, କାଂଶଡା, ନୂଆପଡ଼ା, ଭୁବନେଶ୍ୱରପୁର, ଲାଖମରା, ମହୁଲପାଲି, ସମ୍ବଲପୁରୀ, ଝରବନ୍ଧ ବ୍ଲକର ଦେୱାନପାଲି, କୁର୍ଲୁପାଲି, ଭଣ୍ଡାରପୁରୀ, ଝାରବନ୍ଧ ଗ୍ରାମ ମାନଙ୍କରେ ଲୋକଙ୍କ ସହିତ ବୈଠକ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ଲିଙ୍ଗରାଜ ପଧାନ, ନିରାକାର ସାହୁ, ପ୍ରକାଶ ଦାସ, ସୁବାସ ସାମନ୍ତରାୟ, ରୋହିତ ପଧାନ, ନବୀନ ବେହେରା, ମନବୋଧ ପଧାନ, କୈଳାସ ବାରିକ, ଧରମେନ୍ଦ୍ର ସାହା ଏବଂ ରମେଶ ମହାପାତ୍ର ବହୁ ମୂଲ୍ୟ ଭୋଟ ବିକ୍ରି ନ କରିବା ପାଇଁ ନିବେଦନ କରିଛନ୍ତି।



# ଜିରା ନଦୀରୁ ସଫାହେଲା ଅଳିଆ

**ବରଗଡ଼, ୧୫।୦୫ (ସମିସ)**

ସକାଳ ଖବରକାଗଜରେ ବରଗଡ଼ ଜିରା ନଦୀରେ ଅଳିଆ ଆବର୍ଜନା ପଡୁ ଥିବା ଖବର ପ୍ରକାଶିତ ହେବା ପରେ ପୌର ପ୍ରଶାସନ ତତ୍ପର ହୋଇଛି।

## 'ସକାଳ'ରେ ପ୍ରକାଶ ପାଇବା ପରେ ତତ୍ପରତା

ପୂର୍ବରୁ ଜିରାନଦୀର ପାଣିକୁ ଲୋକେ ବାଲଚୂଆଁ କରି ପିଇବାପାଇଁ ବ୍ୟବହାର କରୁଥିଲେ। ବର୍ତ୍ତମାନ ସହରର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ନଦୀର ପାଣିକୁ ପିଇବା ପାଇଁ ବ୍ୟବହାର କରାଯାଉ ନାହିଁ। ଲୋକ ଜିରା ନଦୀରେ ସକାଳୁ ନିତ୍ୟକର୍ମ କରି ଗାଧୋଇ ନଦୀରେ ପୂଜାର୍ଚ୍ଚନା କରିଥାନ୍ତି। ଜିରା ନଦୀର ଯେଉଁ ସ୍ଥାନରେ ଲୋକମାନେ ଗାଧୋଉଥିଲେ ସେଇଠି ଅଳିଆ ଆବର୍ଜନା ସବୁ ପଡୁଥିଲା। କେହି କେହି ସେଥିରେ ନିଆଁ ଲଗାଇ ଦେବାରୁ ପୁରା ଅଞ୍ଚଳ ବିଷାକ୍ତ ଧୂଆଁରେ ପ୍ରଦୂଷିତ ହେଉଥିଲା। ଏ ସମ୍ପର୍କ ରେ ଆଜି 'ସକାଳ' ଖବରକାଗଜରେ ଖବର ପ୍ରକାଶିତ ହେବା ପରେ ପୌରପରିଷଦର କର୍ମଚାରୀ ମାନେ ମେସିନ ଓ ଟ୍ରାକ୍ଟର ଦ୍ୱାରା ସମସ୍ତ ଅଳିଆ ଆବର୍ଜନା ଉଠାଇ ନେଇଛନ୍ତି। ବର୍ତ୍ତମାନ ସେହି ଜାଗାରେ ପୁଣି ଲୋକମାନେ ଗାଧୋଇବା ସହ ନିଜର ନିତ୍ୟକର୍ମ କରି ପାରିବେ। ଖବର ପ୍ରକାଶିତ ହେବା ପରେ ପୌରପରିଷଦର ପଦକ୍ଷେପକୁ ଜିଲ୍ଲା ପ୍ରେସ କ୍ଲବ ସଭାପତି ସତ୍ୟଜିତ ଦାଶ, ସଂକଳ୍ପ ପରିବାରର ମୁଖ୍ୟ ବିକାଶ ଅଗ୍ରୱାଲ, ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ନାସିର ଖାଁ, ପୂର୍ବତନ ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା ପ୍ରମୁଖ ପୌରପରିଷଦର ସମସ୍ତ କର୍ମଚାରୀ ତଥା ପୌରପରିଷଦ ଅଧକ୍ଷା କଳ୍ପନା ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।





# ଏବିଭିପି ତରଫରୁ ସରବତ୍ ବଣ୍ଟନ



**ବରଗଡ଼, ୧୫।୫(ସମିସ ):** ବରଗଡ଼ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଏସ୍‌ପି ଅଫିସ୍ ଛକଠାରେ ସରବତ୍ ବଣ୍ଟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପଥଚାରୀମାନଙ୍କୁ ଏହା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପି ଜିଲ୍ଲା ପ୍ରମୁଖ ଜ୍ୟୋତିପ୍ରକାଶ, ଜିଲ୍ଲା ସଂଯୋଜକ ସଂକେତ କୁମାର ସାହୁ, ନଗର ସମ୍ପାଦକ ରଜତ ସେଠ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟ ସା, ନଗର ଛାତ୍ରୀ ପ୍ରମୁଖ ପ୍ରତ୍ୟାଶା ବହିଦାର, ଅତାବିରା ନଗର ସମ୍ପାଦକ ସ୍ୱସ୍ତିକ ପୁଝାରୀ, ଓମ୍ କୁଅଁର, ପିଣ୍ଟୁ ବଗର୍ତ୍ତି, ସିନା ସୋନାଲି ଦାସ, ପ୍ରାଞ୍ଜଳ କୁଅଁର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମଇଦାନରେ ନବୀନ, ବିରୋଧୀ ଶିବିରରେ କମ୍ପନ




## ଜନ ସମୁଦ୍ର ଦେଖି ବିରୋଧୀ ଛାନିଆଁ

ଦେବଗଡ଼, ୧୫।୫ (ସମିସ)

ଦେବଗଡ଼ ବିଧାନସଭା କ୍ଷେତ୍ରରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାର କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ଜନ ସମୁଦ୍ର ଦେଖି ବିରୋଧୀ ଛାନିଆ ହୋଇ ପଡ଼ିଛନ୍ତି। ମଧ୍ୟାହ୍ନ ଗୋଟାଏରେ ବଡ଼ ବଗିଚା ପଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସମୟ ବହୁ ପୂର୍ବରୁ ସଭା ସ୍ଥଳରେ ଥିବା ୨୫ ହଜାରରୁ ଅଧିକ ଚୌକି ଭର୍ତ୍ତି ହୋଇଯାଇଥିଲା। ବିଭିନ୍ନ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ସଂସ୍କୃତିକ

**କାର୍ଯ୍ୟକ୍ରମ ଭଣ୍ଡୁର ପାଇଁ ହୀନ ପ୍ରୟାସ ବ୍ୟର୍ଥ**

**ଶେଷରେ କାମଳ ସାମ୍ପ୍ରଦିକତା ବ୍ୟବହାର କଲେ**

କାର୍ଯ୍ୟକ୍ରମକୁ ମନଭରି ନବୀନ ପ୍ରେମୀ ଉପଭୋଗ କରିଥିଲେ। ତେବେ ସଭାସ୍ଥଳରେ ସ୍ଥାନାଭାବ ଯୋଗୁଁ ପ୍ରାୟ ୧୫ ହଜାରରୁ ଅଧିକ ଲୋକ ଛିଡାହୋଇ ସଭା ସ୍ଥଳରେ ସେମାନଙ୍କ ପ୍ରିୟ ଜନନାୟକ ନବୀନଙ୍କ ଠାରୁ ଦୁଇପଦ ଶୁଣିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିଲେ। ଏହାର ସୁଯୋଗରେ ବିରୋଧୀ ଗୋଷ୍ଠୀ ନବୀନ ସଭାକୁ ଆସିବେ ନାହିଁ ବୋଲି ଏକ ଗୁଜବ କରିଥିଲେ। ସଭାସ୍ଥଳରେ ଅପେକ୍ଷା କରିଥିବା ଲୋକଙ୍କୁ ଭୁଆଁ ବୁଲାଇ ସେଠାରୁ ଫେରାଇ ଦେବାକୁ ଯଥା ସମ୍ଭବ ପ୍ରୟାସ କରି ବିଫଳ ହୋଇଥିଲେ।


















## ସିମଲାଇରେ ଘରପୋଡ଼ି

ରିଆମାଳ, ୧୫।୫ (ସମିସ): ରିଆମାଳ ବ୍ଲକ ମଳେହିପଡ଼ା ପଞ୍ଚାୟତ ସିମଲଇରେ ଅଗ୍ନିକାଣ୍ଡ ଘଟିଛି। ବିମ୍ବାଧର ଭୋଇଙ୍କ ଘର ଜଳି ଯାଇଛି। ବୁଧବାର ସକାଳ ୧୦ଟାରେ କୌଣସି କାରଣରୁ ନିଆଁ ଲାଗି ୩ ବଖରା ଟାଇଲ୍ ଘର ଜଳିଯାଇଛି। ଖବର ପାଇ ରିଆମାଳରୁ ଦମକଳ ଆସିବା ବେଳକୁ ସବୁ ଜଳି ଯାଇଥିଲା।




## ଇଣ୍ଡିଗୋର ଝାରସୁଗୁଡ଼ାରୁ ନୂଆଦିଲ୍ଲୀ ବିମାନ ସେବା ଆରମ୍ଭ

ଝାରସୁଗୁଡ଼ା, ୧୫।୫(ସମିସ)

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ନୂଆଦିଲ୍ଲୀ ଝାରସୁଗୁଡ଼ା ବିମାନ ସେବା ବୁଧବାର ଆରମ୍ଭ ହୋଇଛି। ଗତ ୩୧ ମାର୍ଚ୍ଚରୁ ସ୍ପାଇସ ଜେଟ୍ ତାର ଦିଲ୍ଲୀ ଝାରସୁଗୁଡ଼ା ବିମାନ ସେବା ବନ୍ଦ କରିଦେଇଥିଲା। ଫଳରେ ଝାରସୁଗୁଡ଼ାରୁ ଦିଲ୍ଲୀକୁ ଯାଉଥିବା ଏକମାତ୍ର ବିମାନ ସେବା ବନ୍ଦ ହୋଇଯାଇଥିଲା। ବନ୍ଦହେବାର ୪୫ ଦିନ ପରେ ଆଜିଠାରୁ ଇଣ୍ଡଗୋ ତାର ବିମାନ ସେବା ଆରମ୍ଭ କରିଛି। ଦିଲ୍ଲୀ ବିମାନ ବନ୍ଦରରୁ ଇଣ୍ଡିଗୋ ବିମାନ ଅପରାହ୍ନ ୩ଟା ୨୦ ମିନିଟରେ ବାହାରି ଝାରସୁଗୁଡ଼ାରେ ଅପରାହ୍ନ ୫.୧୭ରେ ପହଞ୍ଚିଥିଲା। ଦିଲ୍ଲୀରୁ ଝାରସୁଗୁଡ଼ା ଆସିଥିବା ବିମାନକୁ ଝାରସୁଗୁଡ଼ା ବିମାନ ବନ୍ଦରରେ



ୱାଟର କେନନ୍ ପ୍ରଦାନ କରାଯାଇଥିଲା। ପରେ ବୁଧବାର ୫.୪୫ରେ ଇଣ୍ଡିଗୋ ବିମାନଟି ଝାରସୁଗୁଡ଼ାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା। ପ୍ରଥମ ଦିନରେ ଦିଲ୍ଲୀରୁ ୧୮୩ ଜଣ ଯାତ୍ରୀ ଝାରସୁଗୁଡା ଆସିଥିବା ବେଳେ ୧୮୨ ଜଣ ଝାରସୁଗୁଡ଼ାରୁ ଦିଲ୍ଲୀ ଯାତ୍ରା କରିଥିଲେ। ଏହା ପୂର୍ବରୁ ଇଣ୍ଡିଗୋ କଲିକତା ଓ ବେଙ୍ଗାଲୁରୁ ସେକ୍ଟର ପାଇଁ ବିମାନ ସେବା ଜାରି ରଖିଛି। ଦିଲ୍ଲୀରୁ ଝାରସୁଗୁଡ଼ା ଇଣ୍ଡିଗୋ ବିମାନ ଆସିବା ପରେ ଝାରସୁଗୁଡ଼ା ବିମାନ ବନ୍ଦରରେ କେକ୍ କାଟି ଏହି ବିମାନ ସେବାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଏୟାରପୋର୍ଟ ଷ୍ଟେସନ ଡାଇରେକ୍ଟରଙ୍କ ସମେତ ଇଣ୍ଡିଗୋ ଏୟାରଲାଇନ୍ସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ବେଆଇନ କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**୩ ଗିରଫ**

ବ୍ରଜରାଜନଗର, ୧୫।୫ (ସମିସ): ବ୍ରଜରାଜନଗର ପୁଲିସ ଏକ ବେଇଆନ ପୋଡ଼ା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏସ୍‌ଆଇ ମହେଶ୍ୱର ପାଣିଗ୍ରାହୀ, ମାମି ସାହୁ, ଏଆସ ଆଇ ସମରା କୁଜୁର, ଏଏସଆଇ ଅଭୟ ମହାନ୍ତି ପ୍ରମୁଖ ବ୍ରଜରାଜନଗର ଥାନା ଅଞ୍ଚଳରେ ବିଭିନ୍ନ ଜାଗାରେ ଚେକିଂ ସମୟରେ ଗାନ୍ଧୀ ଛକ ନିକଟରେ ଏକ ମହିନ୍ଦ୍ରା ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ କୋଇଲା ଚାଲାଣ ହେଉଥିବା ଖବର ପାଇଥିଲେ। ଗାନ୍ଧିଛକ ପଟକୁ ଆସୁଥିବା ଏକ ମହିନ୍ଦ୍ରା ପିକ୍‌ଅପ୍ (ଓଡ଼ି୨୩ ଆର ୨୦୯୭)କୁ ଗାନ୍ଧିଛକ ନିକଟରେ ଅଟକାଇଥିଲେ। ଚେକିଂ ସମୟରେ ବେଆଇନ ୧୨ କେଜି ଓଜନ ବିଶିଷ୍ଟ ୩୦୦ ବସ୍ତା ଧୁମ ବିହୀନ କୋଇଲା ଜବତ କରିଥିଲେ। ପିକଅପ୍ ଭ୍ୟାନରେ ଥିବା ବ୍ରଜରାଜନଗର ଥାନା ରାଜପୁର କଣ୍ଟାପାଲିର ନିରଞ୍ଜନ ସ୍ୱାଇଁ ଓ ସମ୍ବଲପୁର ଗୋବିନ୍ଦପୁର ଅଞ୍ଚଳର ହେଲ୍ପର ରାହୁଲ ମହାନନ୍ଦ ନିକଟରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଏହି ପୋଡ଼ା କୋଇଲା କୋଇଲା ବେଆଇନ୍ ଭାବେ ବ୍ରଜରାଜନଗର ଥାନା ଇଏସଆଇ ଛକ ଜିଏସ ଲାଇନର ଗୋବିନ୍ଦ କରାଳି ସହ ମିଶି ଚୋରା କାରବାର କରୁଥିବା ନିରଞ୍ଜନ ପୁଲିସ ଆଗରେ ପ୍ରକାଶ କରିଛି। ଏମାନେ ଗିରଫ ହୋଇଛନ୍ତି। ଏମାନଙ୍କ ନିକଟରୁ ଦୁଇଟି ମୋବାଇଲ ଓ ପିକଅପ ଭ୍ୟାନ ଜବତ ହୋଇଛି।

## ଲଇକେରା ଓ କୋଲାବିରାରେ ଦୀପାଳିଙ୍କ ଧୂଆଁଧାର ପ୍ରଚାର

ଝାରସୁଗୁଡ଼ା, ୧୫।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଏବଂ କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାଲେଠାରେ ବିଜୁ ଜନତା ଦଳ ପକ୍ଷରୁ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟିକା ପ୍ରାର୍ଥିନୀ ଦୀପାଳି ଓ ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିନିତା ମିଶ୍ରଙ୍କ ପ୍ରଚାର କରିବା ପାଇଁ ସିନେମା ଜଗତର ଜଣାଶୁଣା ଷ୍ଟାର ପ୍ରଚାରକ ଅଭିନେତ୍ରୀ ଭାଗ୍ୟଶ୍ରୀ ଓ ନିଲ୍ ନୀତିନ ମୁକେଶ ସଭା ସ୍ଥଳରେ ପହଞ୍ଚି ପ୍ରଚାର କରିଛନ୍ତି।




ଲଇକେରାରେ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର ସଭାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଛି। ପୋଖରାସାଲେ ଠାରେ ମଧ୍ୟ ହଜାର ହଜାର ଲୋକ ପହଞ୍ଚି ତାରକା ପ୍ରଚାରକଙ୍କୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ।

## ମକ୍ ପୋଲ୍ ସମୀକ୍ଷା କଲେ ସାଧାରଣ ପର୍ଯ୍ୟବେକ୍ଷକ

ଝାରସୁଗୁଡ଼ା, ୧୫।୫ (ସମିସ): ଝାରସୁଗୁଡ଼ା ଇଂଜିନିୟରିଙ୍ଗ ସ୍କୁଲ ଠାରେ ଶେଷ ଓ ନିର୍ଣ୍ଣାୟକ ମକ୍ ପୋଲକୁ ସାଧାରଣ ପର୍ଯ୍ୟବେକ୍ଷକ ଜେ. ମଞ୍ଜୁନାଥ ସମୀକ୍ଷା କରିଛନ୍ତି। ଇଭିଏମ୍ ମେସିନ ସହିତ ଭିଭିପାଟ୍ ଜରିଆରେ



ଆସନ୍ତା ୨୦ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ସହିତ ସ୍ୱାଧିନପ୍ରାର୍ଥୀ ମାନଙ୍କ ଉପସ୍ଥିତିରେ ମକ୍ ପୋଲ ଅନୁଷ୍ଠିତ ହୋଇଛି।

## ୯୭.୪ ପ୍ରତିଶତ ନମ୍ବର ରଖି ଛାତ୍ରୀ କୃତକାର୍ଯ୍ୟ

ବ୍ରଜରାଜନଗର, ୧୫।୫ (ସମିସ): ବ୍ରଜରାଜନଗର ପୌରାଞ୍ଚଳର ଜିଏମ୍ କମ୍ପ୍ଲେକ୍ସରେ ଥିବା ଡିଏଭି ପବ୍ଲିକ ସ୍କୁଲର ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୯୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥଲେ। ସେମାନଙ୍କ ମଧ୍ୟରୁ ସାକ୍ଷୀ ଗୁପ୍ତା ୯୭.୪ ପ୍ରତିଶତ ନମ୍ବର ରଖିଛନ୍ତି। ସାକ୍ଷୀଙ୍କୁ ବିଦ୍ୟାଳୟ ଓ ଏମସିଏଲ ତରଫରୁ ସମ୍ମାନିତ କରାଯାଇଛି। ମହାନଦୀ କୋଇଲା କମ୍ପାନୀ ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ମହା ପ୍ରବନ୍ଧକ ଅୱଧ କିଶୋର ପାଣ୍ଡେଙ୍କ ନିର୍ଦ୍ଦେଶ କ୍ରମେ ଏରିଆ ପର୍ଶନାଲ ମ୍ୟାନେଜର ବାମସି କ୍ରିଷ୍ଣା ସାକ୍ଷୀଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ତାଙ୍କ ବାପା ସଞ୍ଜୟ ଗୁପ୍ତା ଓ ମା' ନିତୁ ଗୁପ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି।

## ବଡ଼ମାଲ ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ

ଝାରସୁଗୁଡ଼ା, ୧୫।୫(ସମିସ): ଆସନ୍ତା ୨୦ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚକୁ ଅବାଧ, ନିରପକ୍ଷ ଓ ଅପରାଧ ନିୟନ୍ତ୍ରଣ ପାଇଁ ବଡ଼ମାଲ ପୋଲିସ ପକ୍ଷରୁ ବୃନ୍ଦାମାଲ ସମେତ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ବଡ଼ମାଲ ପୁଲିସ ପକ୍ଷରୁ ବୃନ୍ଦାମାଲ ସମେତ କୁରେବଗା, ବଂଜାରୀ, କାତିକେଲା, ଭୁର୍କାମୁଡ଼ାର ବିଭିନ୍ନ ସ୍ଥାନରେ ମକ୍ ଡ୍ରିଲ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବାବେଳେ ବଡ଼ମାଲ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ ଉପସ୍ଥିତ ଥିଲେ।

## ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ରାହୁଲ ଗାନ୍ଧୀ

ଝାରସୁଗୁଡ଼ା, ୧୫।୫ (ସମିସ): ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ରାହୁଲ ଗାନ୍ଧୀ ବୁଧବାର ପହଞ୍ଚିବାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଜାତୀୟ କଂଗ୍ରେସର ନେତାଙ୍କୁ ଯେଉଁଭଳି ସୁରକ୍ଷା ଥାଏ ସେହିଭଳି ଭାବେ ଝାରସୁଗୁଡ଼ା ପୁଲିସ ପକ୍ଷରୁ ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବିମାନ ବନ୍ଦରରେ ଝାରସୁଗୁଡ଼ା ଏସପି ପରମାର ସ୍ମିତ ପୁରୁଷୋତ୍ତମଦାସ ରହି ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରିଥିବା ବେଳେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## ବିଜେପି ପାଇଁ ପ୍ରଚାର କଲେ ଛତିଶଗଡ଼ ମନ୍ତ୍ରୀ

ଝାରସୁଗୁଡ଼ା, ୧୫।୫(ସମିସ): ଝାରସୁଗୁଡ଼ା, କୋଲାବିରା ଓ ଲଇକେରା ବ୍ଲକ ଅଞ୍ଚଳର ଝିର୍ଲାପାଲି, ଭାତଲଇଡା ଓ ଭାଲୁପତ୍ରାଠାରେ ବିଜେପିର



ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି ଛତିଶଗଡ଼ ମନ୍ତ୍ରୀ ଓ.ପି.ଚୌଧୁରୀ। ଏହି ସଭାରେ ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ, ସନ୍ତୋଷ ଯାଦବ, ରାଜେଶ ଦାସ, ବିଜୟ ଶର୍ମା, ପଙ୍କଜ ବେହେରା, ମୋତିଲାଲ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଏବଂ ପ୍ରଦୀପ ପୁରୋହିତଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନେତାଗଣ ଆହ୍ୱାନ ଦେଇଥିଲେ।









# ବିଜୟ ହତ୍ୟାକାଣ୍ଡରେ ଯୁବତୀଙ୍କ ସହ ୩ ଗିରଫ

**ବୁର୍ଲା, ୧୫।୫(ସମିସ):** ବୁର୍ଲା ସହରର ବିଷ୍ଣୁମନ୍ଦିରପଡ଼ାର ବିଜୟ ଜାଲ(୪୨)ଙ୍କୁ ଛୁରାରେ ଆକ୍ରମଣ କରି ହତ୍ୟା ଘଟଣାରେ ପୁଲିସ ୩ ଜଣଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଛି। ଏହ ସହ ଦୁଇ ଜଣ ନାବାଳକଙ୍କୁ ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି। ଗରିଫ ଅଭିଯୁକ୍ତମାନେ ହେଉଛନ୍ତି ବିଷ୍ଣୁମନ୍ଦିରପଡ଼ାର କାଜଲ କୁମାରୀ ଓରଫ କାଜଲୀ(୨୨), ଚନ୍ଦନ କୁମ୍ଭାର ଓରଫ ଚଟିଆ(୨୦) ଓ ଏମଡି ସାକିବ ଆର୍ଶଦ(୧୯)। ବିଜୟ ଜାଲ ଶୋଇଥିବା ବେଳେ ପକେଟରୁ ଟଙ୍କା ଚୋରି ହୋଇଥିଲା। ପରେ ବିଜୟ ପଡ଼ାରେ ଥିବା ୫ ଜଣଙ୍କୁ ଟଙ୍କା ଚୋରି କରିଥିବା ନେଇ କହିଥିଲେ। ପରେ ବିଜୟ ଘରକୁ ଫେରି ଆସିଥିଲେ। ୫ ଅଭିଯୁକ୍ତ ଚୋରି ଟଙ୍କା ପ୍ରସଙ୍ଗକୁ ନେଇ ବିଜୟଙ୍କ ଘରକୁ ଆସି ଝଗଡା କରିଥିଲେ। ପରେ ଏକ ଛୁରିରେ ଆକ୍ରମଣ କରି ହତ୍ୟା କରିଦେଇଥିଲେ। ପୁଲିସ ବ୍ୟବହୃତ ଛୁରୀକୁ ଜବତ କରିଛି। କାଜଲ ନାମରେ ୪ ଗୋଟି ଓ ଚଟିଆ ନାମରେ ୨ ଗୋଟି ମାମଲା ପୂର୍ବରୁ ବୁର୍ଲା ଥାନାରେ ରହିଛି।



**୨ ନାବାଳକ ଅଟକ**

# ସରହୁଲ ମହୋତ୍ସବରେ ବିଶାଳ ଆଦିବାସୀ ସମାବେଶ

**ସମ୍ବଲପୁର, ୧୫।୫(ସମିସ)**

ବରେଇପାଲି ସ୍ଥିତ ଡୁମେରପଡ଼ା ଖେଳ ପଡ଼ିଆରେ ଆଦିବାସୀଙ୍କ ସରହୁଲ ମହୋତ୍ସବ ଅବସରରେ ବିଶାଳ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଜିଲ୍ଲା ସଭାପତି ତରଣୀ ଖାଡ଼ିଆ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ସମ୍ବଲପୁର ଲୋକସଭା ସାଂସଦ ପ୍ରଣବ ପ୍ରକାଶ ଦାଶଙ୍କ ପ୍ରତିନିଧି ବିଷ୍ଣୁ କେଡ଼ିଆ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗ ଦେଇଥିଲେ। ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁଲାଇ ମାସରୁ ମାସିକ ବିଦ୍ୟୁତ ଦେୟ ଛାଡ଼ ପାଇଁ ଘୋଷଣା କରିଥିବାରୁ ପ୍ରାୟ ସମସ୍ତ ପରିବାର ମାଗଣା ବିଜୁଳି ବ୍ୟବହାର କରିବେ। ଆଉ ବିଦ୍ୟୁତ ବିଲ ପୈଠ କରିବାରକୁ ପଡ଼ିବ ନାହିଁ। ବହୁତ ସଂଖ୍ୟାରେ ଆଦିବାସୀ ବସବାସ କରୁଥିବା ଡୁମେରପଡ଼ାକୁ ସୋଲାର ଲାଇଟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ସୁବିଧା, ଜାଗା ମିଶନରେ ଘରଡିହ ଏବଂ ଆବାସ ପ୍ରଦାନ ବ୍ୟବସ୍ଥା ପାଇଁ ସୂଚନା ଦେଇଥିଲେ। ରାଜ୍ୟସଭା ସାଂସଦ ଶ୍ରୀ ବିଶି କହିଲେ ଯେ ଅନୁସୂଚିତ ଜନଜାତି ମାନଙ୍କ ବିକାଶ ପାଇଁ ସମ୍ବଲପୁରରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଆଦିବାସୀ ଭବନ ନିର୍ମାଣ ପାଇଁ ଶହେ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ନୁଆ-ଓ ସହିତ ଏସଟି ଏସସି ଷ୍ଟାଇପେଣ୍ଡ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଦିବାସୀ ମାନଙ୍କ ଉପରୁ ପଚାଶ ହଜାର ମକଦ୍ଦମା ଜଙ୍ଗଲ ବିଭାଗ, ଅବକାରୀ ବିଭାଗ, ପୁଲିସ ବିଭାଗ ପ୍ରତ୍ୟହାର ଘୋଷଣା ଭାରତରେ ପ୍ରଥମ ଘଟଣା। ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ଏମଏସପି ପ୍ରଦାନ, ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ବୋନସ, ଖାଦ୍ୟ ସୁରକ୍ଷା ଯୋଜନାରେ ଆହାର କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସାମାଜିକ ନିରାପତ୍ତା ପାଇଁ ଭତ୍ତା ବୃଦ୍ଧି, ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ସକାଶେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ଦଶ ଲକ୍ଷ ଏବଂ ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କା ସହାୟତା, ମିଶନଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଦଳ ପାଇଁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ଋଣ, କାଳିଆ ଯୋଜନା, ବଳିଆ ଯୋଜନାରେ କୃଷକ ଏବଂ ବୁଣାକାରମାନଙ୍କୁ ପ୍ରୋତ୍ସାହନ ରାଶି ସହ ବିନା ସୁଧରେ ଋଣ ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ ସୁରକ୍ଷା ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ସହାୟତା, ୫-ଟି ସ୍କୁଲ କଲେଜରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ସବୁ ଗାଁକୁ ବିଜୁଳି, ପାଣି, ପକ୍କା ରାସ୍ତା ସୁବିଧା, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜନ ହିତକାରୀ ଯୋଜନା, ବିଷୟରେ ରାଜ୍ୟସଭା ସାଂସଦ ଶ୍ରୀ ବିଶି ଆଲୋକପାତ କରିଥିଲେ। ଆଦିବାସୀଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି ତେଣୁ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାଶ ଏବଂ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କୁ ଜିତାଇବା ପାଇଁ ଭୋଟର ଭାଇ ଭଉଣୀ ନିବେଦନ କରିଥିଲେ।






# ଘରୋଇ, କୃଷି ତଥା ଶିଳ୍ପ ଉପଭୋକ୍ତାଙ୍କ ନିମନ୍ତେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ

**ବୁର୍ଲା, ୧୫।୫(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ନିମନ୍ତେ ବିଦ୍ୟୁତ୍ ଭିତ୍ତିଭୂମିରେ ବୃଦ୍ଧି ତଥା ବିତରଣ ବ୍ୟବସ୍ଥାର ଉନ୍ନତି ଦିଗରେ ଆଉ ଏକ ପଦକ୍ଷେପ ହାତକୁ ନେଇଛି। ଏହି ପରିପ୍ରେକ୍ଷୀରେ, ସୋନପୁର ଜିଲ୍ଲାର ଘରୋଇ, କୃଷି ଏବଂ ଶିଳ୍ପ ଉପଭୋକ୍ତାମାନଙ୍କ ନିମନ୍ତେ ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଦୋଳ ଠାରୁ କେନ୍ଦୁପାଲି ପର୍ଯ୍ୟନ୍ତ ବ୍ୟାପିଥିବା ୧୧ କେ.ଭି. ବିଦ୍ୟୁତ୍ ତାରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରକାଶଥାଉ କି, ବିଦ୍ୟମାନ ୧୧ କେ.ଭି. ବିଦ୍ୟୁତ୍ ତାରଟି ଅନେକ ଆହ୍ୱାନପୂର୍ଣ୍ଣ ସ୍ଥିତିର ସମ୍ମୁଖୀନ ହେଉଛି। ମୁଖ୍ୟତଃ ଯାହାର କାରଣ ହେଉଛି, ପୁରୁଣା ଭିତ୍ତିଭୂମି ଏବଂ ଦିନକୁ ଦିନ ବୃଦ୍ଧି ପାଉଥିବା ବିଦ୍ୟୁତ୍ ଚାହିଦା। ଯେଉଁଥିପାଇଁ ଉକ୍ତ ଅଞ୍ଚଳର ଉପଭୋକ୍ତାମାନେ ଲ-ଭୋଲଟେଜ୍ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣରେ ବାଧାପ୍ରାପ୍ତ ହେବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏହି ଅଞ୍ଚଳରେ ହାତୀଙ୍କ ଗମାନାଗମନ ଦେଖିବାକୁ ମିଳିଥାଏ। ତେଣୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ବର୍ତ୍ତମାନ କମ୍ ଉଚ୍ଚତାରେ ରହିଥିବା ଏହି ୧୧ କେଭି ବିଦ୍ୟୁତ୍ ତାରରେ ବିଦ୍ୟୁତ୍ ସରବରାହ ବନ୍ଦ କରାଯିବାକୁ ଆବଶ୍ୟକ ହେଉଛି। ଉକ୍ତ ଅଞ୍ଚଳରେ ଅନେକ ଜଙ୍ଗଲ ରହିଥିବାରୁ କିଛି ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ବେଆଇନ ଭାବେ ବନ୍ୟଜନ୍ତୁ ଶିକାର କରିବା ଘଟଣା ମଧ୍ୟ ନଜରରେ ରହିଛି। ତେଣୁ ଏହି ସବୁ ସମସ୍ୟାର ସମାଧାନ ପାଇଁ କମ୍ପାନୀ ପକ୍ଷରୁ ପାଖାପାଖି ୧୬ କିଲୋମିଟର ଦୂରତା ବିଶିଷ୍ଟ ସିନ୍ଦୋଳ ଠାରୁ କେନ୍ଦୁପାଲି ପର୍ଯ୍ୟନ୍ତ ଏହି ୧୧ କେ.ଭି. ବିଦ୍ୟୁତ୍ ତାରର ରୂପାନ୍ତିକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ୧୧ କେ.ଭି. ବିଦ୍ୟୁତ୍ ତାରର ଉନ୍ନତିକରଣ ହେବା ଫଳରେ ବିରମହାରାଜପୁର ବ୍ଲକର କେନ୍ଦୁପାଲି, ବେହେରାମାଲ, ରାଜନଗର, କପାସିରା, ସିନ୍ଦୋଳ, ଏସ୍. ପତ୍ରାପାଲି, କୁଟପାଲି ଆଦି ଅଞ୍ଚଳରେ ଥିବା ଘରୋଇ, କୃଷି, ତଥା ଶିଳ୍ପ ଉପଭୋକ୍ତାମାନେ ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇ ପାରିବେ। ଏହି ୧୧ କେଭି ବିଦ୍ୟୁତ୍ ତାରର ଉନ୍ନତିକରଣ ଦ୍ୱାରା ଉକ୍ତ ଅଞ୍ଚଳର ପ୍ରାୟ ୧୧ ଶହ ଉପଭୋକ୍ତା, ୩୫୦ ଉଠା ଜଳସେଚନ ଏବଂ ଅନେକ ଚାଉଳ ମିଲ୍ ଗୁଡ଼ିକ ଉପକୃତ ହୋଇ ପାରିବେ। ଏହି ପ୍ରକଳ୍ପର କାର୍ଯ୍ୟ ଚଳିତ ମାସରୁ ଆରମ୍ଭ ହୋଇଥିବା ବେଳେ ସମଗ୍ର କାର୍ଯ୍ୟ ଶେଷ ହୋଇ ବିଦ୍ୟୁତ୍ ସଂଯୋଗ ହେବାକୁ ୩ ମାସ ସମୟ ଲାଗିବ। ଏଥିଲାଗି କମ୍ପାନୀ ପକ୍ଷରୁ ୨.୭୧ କୋଟି ଖର୍ଚ୍ଚର ବ୍ୟୟ ବରାଦ କରାଯାଇଛି।



# ଦୁଷ୍କର୍ମ ଅଭିଯୋଗରେ ୧୦ ବର୍ଷ ଜେଲ୍ ସହ ୧ ଲକ୍ଷ ଜରିମାନା

**ସମ୍ବଲପୁର, ୧୫।୫(ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗର ବିଚାର କରି କୋର୍ଟ ଅଭିଯକ୍ତଙ୍କୁ ୧୦ ବର୍ଷ ଜେଲ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ୨୦୧୭ ମସିହାରେ ଗୋବିନ୍ଦପୁର ଥାନାଅଞ୍ଚଳର ଏହି ମାମଲା ବିଚାର କରି ଅଭିଯୁକ୍ତ ଯୋଗେନ୍ଦ୍ର ପିଙ୍ଗ୍‌କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜର୍ଜ ଅଭିଲାଶ ସେନାପତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ୧୮ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଆଧାର କରି କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଦେଇଛନ୍ତି। ମାମଲାର ବିବରଣୀମତେ ଗତ ୨୦୧୭ ମସିହା ନଭେମ୍ବର ୧୪ତାରିଖ ନୁରିମୁଣ୍ଡା ଗ୍ରାମରେ ଜଣେ ନାବାଳିକା ସକାଳେ ନିକଟସ୍ଥ ପଡ଼ିଆ ଜମିକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ସେହି ଗ୍ରାମର ଯୋଗେନ୍ଦ୍ର ନାବାଳିକାଙ୍କୁ ଏକୁଟିଆ ଦେଖିଥିଲା। ଏହାର ସୁଯୋଗ ନେଇ ଜୋର ଜବରଦସ୍ତି ଟଣାଓଟରା କରି ଦୁଷ୍କର୍ମ କରିଥିଲା। ଏନେଇ କାହାକୁ ନ କହିବାକୁ ମଧ୍ୟ ଧମକ ଚମକ ଦେଇଥିଲା। ନାବାଳିକା ଜଣକ ସେଠାରୁ କାନ୍ଦି ଘରକୁ ଆସିଥିଲେ। ପରେ ମାଆଙ୍କୁ ଏବାବଦରେ ସବୁ କହିଥିଲେ। ଏନେଇ ନାବାଳିକାଙ୍କ ମାଆ ୧୮ ତାରିଖରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାର ପରିଚାଳନା କରିଥିଲେ ସରକାରୀ ସ୍ୱତନ୍ତ୍ର ପିପି ସନ୍ତୋଷ ପଣ୍ଡା।

# ଅସୁସ୍ଥ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଭେଟିଲେ ସିଡିଏମ୍‌ଓ

**ସମ୍ବଲପୁର, ୧୫।୫(ସମିସ):** ପ୍ରସିଦ୍ଧ ସମ୍ବଲପୁରୀ ରଙ୍ଗବତୀ ଗୀତର୍ କଣ୍ଠଶିଳ୍ପୀ ତଥା ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ଅସୁସ୍ଥ ହୋଇ ସମ୍ବଲପୁର ସହରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଓ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଚିକିତ୍ସା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସୂଚନା ଅନୁସାରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଜଣେ ବିଶିଷ୍ଟ କଣ୍ଠଶିଳ୍ପୀ ସମ୍ବଲପୁରୀ କଳା ସଂସ୍କୃତିକୁ



ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ର ଓ ବିଶିଷ୍ଟ ସମାଜସେବୀ ତଥା ରେଡକ୍ରସର ପୃଷ୍ଠପୋଷକ ନିହାଲ ସିଂ ପ୍ରମୁଖ ହସ୍ପିଟାଲରେ ପହଞ୍ଚି ତାଙ୍କୁ ସାକ୍ଷାତ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିସହ ବିଶ୍ୱ ଦରବାରରେ ପରିଚିତ କରାଇବାରେ ତାଙ୍କର ପ୍ରମୁଖ ଅବଦାନ ରହିଛି। ସେ ଗାଇଥିବା ଗୀତ ରଙ୍ଗବତୀ ସାରା ବିଶ୍ୱରେ ଶ୍ରୋତାଙ୍କୁ ମୋହିତ କରୁଛି। ତେବେ ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା କୁହାଯାଉଛି।

**■ ଲକ୍ଷେ ନେଇଗଲେ ସାଇବର ଲୁଟେରା**

# ଚାକିରି ଦେବା ନାଁରେ ଠକେଇ

**ସମ୍ବଲପୁର, ୧୫।୫(ସମିସ):** ଚାକିରି ପାଇବା ଆଶାରେ ଜଣେ ଯୁବକ ଠକେଇର ଶିକାର ହୋଇଛନ୍ତି। ଅଇଁଠାପାଲି ଥାନା ଡିଆଇଇଟି କଲୋନିର ଜଣେ ଯୁବକ ଅନ୍‌ଲାଇନ ମାଧ୍ୟମରେ ୱାର୍କ ଫ୍ରମ୍ ହୋମ୍ ପାଇଁ ଆବେଦନ କରିଥିଲେ। ପରେ ସେହି ସଂସ୍ଥା ଏକ ହ୍ୱାଟ୍ ଆପ୍ ଗ୍ରୁପ ମଧ୍ୟ କରିଥିଲା। ପରେ ଟେଲିଗ୍ରାମର୍ ଅନ୍ୟ ଜଣେ କମଚାରୀକୁ ଯୋଗାଯୋଗ କରିବାକୁ କହିଥିଲେ। ପରେ ସେ କିଛି ଟାସ୍କ କଲେ ଦରମା ପାଇବ ବୋଲି କହିଥିଲେ। ଯୁବକ ଜଣକ ଟଙ୍କା ଦେଇ ପର୍ଯ୍ୟାୟ କ୍ରମେ ଟାସ୍କ କରିଥିଲେ। ଏଭଳି ଲୋଭରେ ପଡ଼ି ଯୁବକ ଜଣକ ୧ ଲକ୍ଷ ୧୨ ହଜାର ଟଙ୍କା ବିନିଯୋଗ କରି ଠକେଇର ଶିକାର ହୋଇଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବି.ଆର୍ ଷ୍ଟିଲ ଆଣ୍ଡ ପାୱାର କାରଖାନାରେ ରେଡ୍‌କ୍ରସ ସୋସାଇଟି ପକ୍ଷରୁ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୧୫।୫ (ସମିସ):** ସମ୍ବଲପୁର ପୋଡାପାଲି ସ୍ଥିତ ବିଆର ଷ୍ଟିଲ ଆଣ୍ଡ ପାୱାର କାରଖାନାରେ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାଂଶ କର୍ମଚାରୀ ଯୋଗ ଦେଇଥିଲେ। କୌଣସି ଦୁର୍ଘଟଣା ହେଲେ କିପରି ଲୋକଙ୍କର ପ୍ରାଥମିକ ଉପଚାର କରାଯିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ସଚିବ ଜୟ ଜର୍ଜ ଯୋଗ ଦେଇଥିଲେ। ରେଡକ୍ରସ ସୋସାଇଟିର ଡାକ୍ତର ରାଜାରାମ ଷଡ଼ଙ୍ଗୀ ଏବଂ ସମ୍ବଲପୁର ଶାଖାର କ୍ଷେତ୍ର ଅଧିକାରୀ ପ୍ରମିଳା ବେହେରା ୨ ଦିନ ଧରି ତାଲିମ ପ୍ରଦାନ କରିଥିଲେ। ଏଥି ସହିତ ମାନବ ସମ୍ବଳ ଗୃପ ମୁଖ୍ୟ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, କାରଖାନାର ଉପ ସଭାପତି ରୋହିତ ମହାପାତ୍ର, କର୍ପୋରେଟେ ସୁରକ୍ଷା ଏବଂ ପରିବେଶ ମୁଖ୍ୟ ପ୍ରମୋଦ କୁମାର ମହାନ୍ତି ଓ କାରଖାନାର ମାନବ ସମ୍ବଳ ବରିଷ୍ଠ ପ୍ରବନ୍ଧକ ଜଗଦାନନ୍ଦ ମହାପାତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ସୁରକ୍ଷା ଏବଂ ପରିବେଶ ମୁଖ୍ୟ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ସଚିବ ଶ୍ରୀଯୁକ୍ତ ଜର୍ଜ କହିଥିଲେ ଯେ ରେଡକ୍ରସର ଲକ୍ଷ୍ୟ ମଣିଷଜାତିର ସେବା, ପ୍ରଶିକ୍ଷଣ ଦେବା ଏବଂ ଲୋକମାନଙ୍କ ପାଖରେ ସେବା ପହଞ୍ଚାଇବା। ଅତିଥି ଡାକ୍ତର ଷଡ଼ଙ୍ଗୀ ସଭାକୁ ସମ୍ବୋଧିତ କରି କିପରି ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଦ୍ୱାରା ସବୁ ସମୟରେ ସବୁ ସ୍ଥାନରେ ମଣିଷକୁ ଉପକାର ମିଳିଥାଏ ତାହା ଉପରେ ଆଲୋକପାତ କରିଥିଲେ। ମାନବ ସମ୍ବଳ ମୁଖ୍ୟ ଶ୍ରୀ ବିଶ୍ୱାଳ କହିଥିଲେ ଯେ, ଏହି ପ୍ରଶିକ୍ଷଣ ନିଶ୍ଚିତ ଆମକୁ ସାହାଯ୍ୟ କରିବ। ମୋର ଆଶା ଦୁଇଦିନ ଧରି ଯେଉଁ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ପ୍ରଶିକ୍ଷଣ ଦିଆଯାଇଛି ତାହା ନିଶ୍ଚିତ ପ୍ରତ୍ୟେକ ସମୟ ଏବଂ ସ୍ଥାନରେ ଉପଯୋଗୀ ହେବ। ପ୍ରଶିକ୍ଷଣ ଶିବିରରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ, ସେମାନଙ୍କୁ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା।




# ବାଇକ୍ ଚୋରି

**ସମ୍ବଲପୁର, ୧୫।୫ (ସମିସ):** କ୍ଷେତରାଜପୁର ଥାନା ଅଞ୍ଚଳରୁ ବାଇକ ଚୋରି ହୋଇଛି। ଠାକୁରପଡ଼ାରେ କ୍ରିଷ୍ଣା ସାହା ନାମକ ଜଣେ ଯୁବକ ତାଙ୍କ ସାଙ୍ଗ ଘରକୁ ଆସିଥିଲେ। ରାତିରେ ବାଇକ୍(ଓଆର୍-୧୫-ଆର୍-୮୦୦୭)କୁ ଘର ବାହାରେ ରଖିଥିଲେ। ସକାଳେ ଦେଖିବା ବେଳକୁ ବାଇକ୍ ଆଉ ସେଠାରେ ନଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ମିଳି ନଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ହୋମ୍‌ଟାସ୍କ ତଦାରଖ କରୁଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ



**ସମ୍ବଲପୁର, ୧୫।୫(ସମିସ):** ପିଲାମାନେ ଗ୍ରୀଷ୍ମାବକାଶରେ ଘରେ ରହିଛନ୍ତି। ସେମାନଙ୍କୁ ହୋମ ଟାସ୍କ ଦିଆଯାଇଛି। ହୋମଟାସ୍କ କରୁଛନ୍ତି କି ନାହିଁ ତାହାକୁ ପ୍ରତିଦିନ ଧନକଉଡ଼ା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବଶ୍ରୀ ଭୋଇ ନିଜେ ତଦାରଖ କରୁଛନ୍ତି। ସେହି ଶୃଙ୍ଖଳାକୁ ବଜାୟ ରଖି ଗତକାଲି ସେ ଚାଉଁରପୁର ଅନ୍ତର୍ଗତ ନୂଆ ଝାଙ୍କରପାଲି ପହଞ୍ଚିଥିଲେ। ପିଲାମାନେ କିପରି ଅବସର ସମୟର ସଦୁପଯୋଗ କରିବେ ପିତାମାତାଙ୍କ ସହ ଆଲୋଚନା କରଥିଲେ। ତାଙ୍କ ସହିତ ସିଆର ସି ସି ରାଧେଶ୍ୟାମ ରଣା ମଧ୍ୟ ଉପସ୍ଥିତ ଥିଲେ। ଆଜି ଶ୍ରୀମତୀ ଭୋଇ ଓ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ସାହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରେଇପାଲି ଯାଇଥିଲେ। ସି ଆର ସି ସି ସ୍ମୃତିରେଖା ରାଉଳ ମଧ୍ୟ ସହାୟତା କରିଥିଲେ। ଖରା ଛୁଟିରେ ଶିକ୍ଷକମାନଙ୍କର ଏହି ପରିଶ୍ରମ ପାଇଁ ଅଭିଭାବକମାନେ କୃତଜ୍ଞତା ଜ୍ଞାପନ କରିଥିଲେ।

# ସମ୍ବଲପୁର ମଣ୍ଡଳରେ ଆନ୍ତଃବିଭାଗୀୟ ଖେଳ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୧୫।୫(ସମିସ)**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ ସମ୍ବଲପୁର ପକ୍ଷରୁ ରେଳବାଇ ଷ୍ଟାଡିୟମରେ ଆନ୍ତଃବିଭାଗୀୟ ଖେଳ ଟୁର୍ଣ୍ଣାମେଣ୍ଟ ୨୦୨୪ ଆୟୋଜନ ହୋଇଛି। ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ବିଭାଗ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନି ଉତ୍ସବରେ ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ଆର୍‌ପିଏଫ ବନାମ ଇଲେକ୍ଟ୍ରିକାଲ (ଓପି) ଦଳ ମଧ୍ୟରେ ଖେଳାଯାଇଥିଲା। ଇଲେକ୍ଟ୍ରିକାଲ (ଓପି) ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲେ। ଏହାର ପିଛାକରି ଆର୍‌ପିଏଫ୍ ଦଳ ୧୫ ଓଭରରେ ୯ ୱିକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଏବଂ ଇଲେକ୍ଟ୍ରିକାଲ (ଓପି) ୨୬ ରନ ରେ ଫାଇନାଲ ମ୍ୟାଚ ଜିତିଥିଲା। ଇଲେକ୍ଟ୍ରିକାଲ (ଓପି) ର ଆଶୁତୋଷ ପତି ମ୍ୟାନ୍ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଇଲେକ୍ଟ୍ରିକାଲ (ଓପି) ର ଶଶୀକାନ୍ତ ଦାସ ମ୍ୟାନ୍ ଅଫ ଦ ସିରିଜ୍ ଭାବରେ ବିବେଚିତ ହୋଇଥିଲେ। ଆରପିଏଫ କେ.କେ. ଯାଦବ ସର୍ବଶ୍ରେଷ୍ଠ ବ୍ୟାଟ୍‌ସ ମ୍ୟାନ ଓ ଆରପିଏଫ ର ଅଙ୍କିତ କୁମାର ସର୍ବଶ୍ରେଷ୍ଠ ବଲର୍ ଭାବେ ବିବେଚିତ ହୋଇଥିଲେ। ଭଲିବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆରପିଏଫ ଓ ଇଞ୍ଜିନିୟରିଂ ଦଳ ମଧ୍ୟରେ ଖେଳାଯାଇଥିଲା। ଇଞ୍ଜିନିୟରିଂ ଦଳ ଫାଇନାଲ ମ୍ୟାଚ୍ ଜିତିଥିଲେ। ଲନ୍ ଟେନିସର ସିଙ୍ଗିଲରେ କେ. ନବୀନ ରାଜୁ ବିଜୟୀ ହୋଇଥିଲେ। ଡବଲସରେ ସନ୍ଦିପ କୁମାର ଓ ଆଲୋକ ରଞ୍ଜନ ପଣ୍ଡା ବିଜୟୀ ହୋଇଥିଲେ। ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ତତ୍ତ୍ୱଦର୍ଶୀ ସାହୁ, କେ.ନବୀନ ରାଜୁ ବିଜୟୀ ହୋଇଥିଲେ। ସେହିପରି ସନ୍ତରଣରେ ୫୦ ମିଟର ଫ୍ରି ଷ୍ଟାଇଲ ପୁରୁଷ (ସିନିୟର) ରେ ବିଜୟ କୃଷ୍ଣ ପ୍ରଥମ ସ୍ଥାନ ହାସଲ କରିଥିଲେ। ୫୦ ମିଟର ଫ୍ରିଷ୍ଟାଇଲ ପୁରୁଷ (ଜୁନିୟର)ରେ ସତ୍ୟବ୍ରତ ସେଠ ପ୍ରଥମ ସ୍ଥାନ ହାସଲ କରିଥିଲେ। ୫୦ ମିଟର ବଟରଫ୍ଲାଇ ପୁରୁଷ (ସିନିୟର)ରେ ଲକ୍ଷ୍ମୀ ମହାକୁଡ଼ ପ୍ରଥମ ହୋଇଥିଲେ। ଜୁନିଅରରେ ଏସ୍. କେ. ସାହୁ ପ୍ରଥମ ହୋଇଥିଲେ। ୧୦୦ ମିଟର ଫ୍ରି ଷ୍ଟାଇଲ ପୁରୁଷ (ସିନିୟର) ରେ ଲକ୍ଷ୍ମୀ ମହାକୁଡ଼ ପ୍ରଥମ ହୋଇଥିଲେ। ଜୁନିଅରରେ ସୁବ୍ରତ ସେଠ ପ୍ରଥମ ହୋଇଥିଲେ। ୫୦ ମିଟର ଫ୍ରି ଷ୍ଟାଇଲ ମହିଳା (ସିନିୟର)ରେ କୁନି ପ୍ରଧାନ ପ୍ରଥମ ସ୍ଥାନ ହାସଲ କରିଥିଲେ ଏବଂ ଜୁନିଅରରେ ଜୁଲିଟା ତିର୍କୀ ପ୍ରଥମ ହୋଇଥିଲେ। ପୂଜା ଅଗ୍ରୱାଲ ମହିଳା ମାନଙ୍କର ୨୫ ମିଟର ଫ୍ରିଷ୍ଟାଇଲ, ବେକ୍ ଷ୍ଟ୍ରୋକ୍ ଓ ବଟରଫ୍ଲାଇ ଷ୍ଟ୍ରୋକରେ ପ୍ରଥମ ସ୍ଥାନ ହାସଲ କରିଥିଲେ। କ୍ରୀଡ଼ା ଅଧିକାରୀ ଡ଼. ମନୋଜ କୁମାର ବେହେରା ଏହି କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ଏହି ଅବସରରେ ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀ ତଥା ସେମାନଙ୍କର ପରିବାର ବର୍ଗ ଉପସ୍ଥିତ ଥିଲେ।



